ପ୍ରେସ୍ ନୋଟ୍

## ଜଳଶକ୍ତି ମିଶନ ଅଭିଯାନର କାର୍ଯ୍ୟକାରିତାକୁ ନେଇ କେନ୍ଦ୍ର ସରକାରଙ୍କ ପ୍ରତିନିଧି ଦଳର ଅନୁଗୋଳ ଜିଲ୍ଲା ଗସ୍ତ ।

ଅନୁଗୋଳ,ତା.୧୫.୯:- ଜିଲ୍ଲାରେ ଆବଶ୍ୟକ ପଡୁଥିବା ଜଳର ସଂରକ୍ଷଣ କିପରି କରାଯାଇପାରିବ ସେଥି ନିମନ୍ତେ ଭାରତ ସରକାରଂକର ଏକ ଦୁଇ ଜଣିଆ ପ୍ରତିନିଧି ଦଳ (ଜଳ ମିଶନ) ନିର୍ଦ୍ଦେଶକ ଶ୍ରୀ ସଂଜୟ କୁମାର ଜୈନ, ବୈଜ୍ଞାନିକ ଅଂକିତ ବିଶ୍ୱକର୍ମା ଅନୁଗୋଳ ଗସ୍ତରେ ଆସି ଜଳ ଉତ୍ସ ଓ ଏହାର ସଂରକ୍ଷଣ ସମ୍ପର୍କରେ ସମୀକ୍ଷା କରିଛନ୍ତି । ଆଜି ଅପରାହ୍ନରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପଦ୍ମନାଭ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଉପାୟରେ ଜଳ ସଂରକ୍ଷଣ ଉପରେ ଆଲୋଚନା ହୋଇଥିଲା । ଅମୃତ ସରୋବର ପ୍ରକଳ୍ପର ସ୍ଥାନ ନିରୁପଣ,ଖନନ, ଆଭିମୁଖ୍ୟ,ଏହାର ଉପକାରିତା ଓ ସର୍ବସାଧାରଣଂକ ସହଯୋଗ ଉପରେ କେନ୍ଦ୍ର ସରକାରଂକ ପ୍ରତିନିଧି ଦଳ ଗୁରୁତ୍ୱାରୋପ କରିଥିଲେ । ଭାରତ ସରକାରଂକ ତରଫରୁ ପ୍ରତିନିଧିତ୍ୱ କରୁଥିବା ଏହି ୨ ଅଧିକାରୀ ଆସନ୍ତା ୨ ଦିନ ଜିଲ୍ଲାର ବିଭିନ୍ନ ଅଂଚଳ ପରିଦର୍ଶନ କରି ଜଳ ଉତ୍ସ ଓ ଏହାର ସଂରକ୍ଷଣ ସମ୍ପର୍କରେ ବିସ୍ତୃତ ବିବରଣୀ ସରକାରଂକ ନିକଟରେ ଉପସ୍ଥାପନ କରିବେ । ଏହି ବୈଠକରେ ଜଳ ବିଭାଜିକାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଶିବ ପ୍ରସାଦ ପାଢୀ ଓ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଂକ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୫୩୫ ତା.୧୫.୯.୨୦୨୨

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।


DISTRICT RURAL DEVELOPMENT AGENCY
ANGUL
realme Shot on realme 9 Pro+